# NATIONAL NEWS BULLETIN (ODIA)

**27 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତର ସାମୁଦ୍ରିକ ଦୃଷ୍ଟିକୋଣ, ସୁରକ୍ଷା, ସ୍ଥିରତା ଏବଂ ଆତ୍ମନିର୍ଭରଶୀଳତା ଉପରେ ଆଧାରିତ– କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଦେଶର ପ୍ରତିରକ୍ଷା ଉତ୍ପାଦନରେ ଘରୋଇ କ୍ଷେତ୍ରର ଯୋଗଦାନ ପ୍ରଶଂସନୀୟ ବୋଲି କହିଛନ୍ତି ପ୍ରତିରକ୍ଷାମନ୍ତ୍ରୀ
- ମାଲେସିଆର କ୍ୱାଲାଲାମ୍ପୁର୍‌ଠାରେ ଆଜି ବିଂଶତମ ପୂର୍ବ ଏସୀୟ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବେ ବୈଦେଶିକ ମନ୍ତ୍ରୀ
- ସେଚେଲ୍‌ସର ଉପରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ଭାରତର ଉପରାଷ୍ଟ୍ରପତି

ଏବଂ

- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ସାମୁଦ୍ରିକ ଝଡ଼ରେ ପରିଣତ

– ଓଡ଼ିଶାର ୮ଟି ଜିଲ୍ଲାକୁ ରେଡ୍ ଜୋନ୍ ଘୋଷଣା

## ରାଜନାଥ-ଏସଆଇବିଏମ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଦେଶର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ବୃଦ୍ଧି ପାଉଥିବା ଯୋଗଦାନକୁ ପ୍ରଶଂସା କରିଛନ୍ତି । ସେ

କହିଛନ୍ତି, ଭାରତର ପ୍ରତିରକ୍ଷା ରପ୍ତାନୀ ୨୩ ହଜାର ୬ଶହ କୋଟି ଟଙ୍କାରେ ପହଞ୍ଚିଛି। ଆଜି ନୂଆଦିଲ୍ଲୀରେ ଏସଆଇଡିଏମ୍ ବାର୍ଷିକ ସମ୍ମିଳନରେ ଉଦ୍‌ବୋଧନ ଦେବା ଅବସରରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଦେଶର ପ୍ରତିରକ୍ଷା ଉତ୍ପାଦନ ଗତ ଦଶନ୍ଧି ମଧ୍ୟରେ ୧ ଦଶମିକ ୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଘରୋଇ କ୍ଷେତ୍ରର ୩୩ ହଜାର କୋଟି ଟଙ୍କାର ଯୋଗଦାନ ରହିଛି ।

**V/O (Rajnath)**

ଅପରେସନ ସିନ୍ଦୂରର ସଫଳତା ନେଇ ଶ୍ରୀ ସିଂ କହିଛନ୍ତି, ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର ଡିଜାଇନ୍ ଏବଂ ନିର୍ମାଣ କ୍ଷେତ୍ରରେ ଶିଳ୍ପ ଯୋଦ୍ଧାମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଦେଶକୁ ଅଭୂତପୂର୍ବ ସଫଳତା ମିଳିପାରିଛି । ସେ କହିଛନ୍ତି, ଆକାଶ କ୍ଷେପଣାସ୍ତ୍ର ବ୍ୟବସ୍ଥା, ବ୍ରହ୍ମୋସ, ଆକାଶ-ତିଅର ବାୟୁ ପ୍ରତିରୋଧୀ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ଅନେକ ଅସ୍ତ୍ରଶସ୍ତ୍ର ଅପରେସନ ସିନ୍ଦୂରରେ ଉନ୍ନତମାନର ପ୍ରଦର୍ଶନ କରିଛନ୍ତି । ଏହା କେବଳ ଆଞ୍ଚଳିକ ସ୍ତରରେ ଭାରତର ଗୌରବ ବୃଦ୍ଧି କରିନାହିଁ, ବରଂ ବିଶ୍ୱସ୍ତରରେ ନିଜର ଗୁଣବତ୍ତା ଓ କୁଶଳତା ପ୍ରଦର୍ଶନ କରିଛି ।

ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଦେଶୀୟ ଜ୍ଞାନକୌଶଳରେ ଦେଶରେ ନିର୍ମାଣ ହେଉଥିବା ପ୍ରତିରକ୍ଷା ସାମଗ୍ରୀ ଗୁଡ଼ିକ ସୃଜନଶୀଳତାର ପରିଚୟ ଦେଉଛି । ସେ କହିଛନ୍ତି, ଏସଆଇଡିଏମ୍ ଶିଳ୍ପ ଏବଂ ସେନାବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସଫଳତା ଅର୍ଜନ କରିଛି । ସେନା, ନୌସେନା ଏବଂ ବାୟୁସେନା ମଧ୍ୟରେ ରଣନୈତିକ ଭାଗିଦାରିତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରଗୁଡ଼ିକ ଦେଶର ପ୍ରତିରକ୍ଷା ବିକାଶ କ୍ଷେତ୍ରକୁ ଆହୁରି

ସୁଦୃଢ଼ କରିଛି । ଏହି ଅବସରରେ ଶ୍ରୀ ସିଂ ପ୍ରତିରକ୍ଷା ଉତ୍ପାଦନ ଓ ରପ୍ତାନୀ ବିକାଶ ନୀତି ସଂପର୍କରେ ସୂଚନା ଦେଇ କହିଛନ୍ତି, ଏହା ପ୍ରତିରକ୍ଷା କ୍ଷେତ୍ରର ଅନେକଗୁଡ଼ିଏ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବାରେ ସକ୍ଷମ ହେବ ।

## ଜୟଶଙ୍କର-ମିଟିଂ

ମାଲେସିଆର କ୍ୱାଲାଲାମ୍ପୁର୍‌ଠାରେ ଆଜିଠାରୁ ଆରମ୍ଭ ହେଉଥିବା ବିଂଶତମ ପୂର୍ବଏସୀୟ ସମ୍ମିଳନୀରେ ବୈଦେଶିକ ମନ୍ତ୍ରୀ ଏସ୍‌. ଜୟଶଙ୍କର ପ୍ରତିନିଧିତ୍ୱ କରିବେ । ଏହି ସମ୍ମିଳନୀରେ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ଆହ୍ୱାନ ଉପରେ ବିଚାର ବିମର୍ଷ କରାଯିବ ।

ତେବେ ଗତକାଲିଠାରୁ ଆରମ୍ଭ ହୋଇଥିବା ଭାରତ ଏସିଆନ୍‌ ଶିଖର ସମ୍ମିଳନୀ ଅବସରରେ ଆଜି ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର୍‌ ଲକ୍ସନଙ୍କୁ ସାକ୍ଷାତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭେଚ୍ଛା ଜ୍ଞାପନ ପୂର୍ବକ ଡକ୍ଟର ଜୟଶଙ୍କର ମୁକ୍ତ ଭାରତ- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଦ୍ୱିପାକ୍ଷିକ ସହଯୋଗ ନେଇ ଶ୍ରୀ ଲକ୍ସନଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ଡକ୍ଟର ଜୟଶଙ୍କର ଆମେରିକା ସଚିବ ମାର୍କ ରୁବିଓଙ୍କ ସହ ଆଜି ସକାଳେ ଆଲୋଚନା କରିଛନ୍ତି । ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଆମେରିକାର ଭୂମିକା ନେଇ ସେ ମାର୍କ ରୁବିଓଙ୍କୁ ପ୍ରଶଂସା କରିଛନ୍ତି ।

କ୍ୱାଲାଲାମପୁରରେ ୪୭ତମ ଆସିଆନ ଶିଖର ସମ୍ମିଳନୀର ପ୍ରଥମ ଦିନରେ ଗତକାଲି ଡକ୍ଟର ଜୟଶଙ୍କର ସିଙ୍ଗାପୁରର ବୈଦେଶିକ ମନ୍ତ୍ରୀ ଭିଭିଆନ୍‌ ବାଲକ୍ରିଷ୍ଣନ

ଓ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱ୍ୱର ଇବ୍ରାହିମଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜନସ୍ୱାସ୍ଥ୍ୟ ସୁରକ୍ଷାରେ ସ୍ୱଚ୍ଛତାର ଭୂମିକା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍‌ସର ଭେଷଜ ବିଭାଗର ପ୍ରଫେସର ଡାକ୍ତର ପିୟୁଷ ରଂଜନ ଏବଂ ଲେଡି ହାର୍ଡିଙ୍ଗ ମେଡ଼ିକାଲ୍ କଲେଜ ଓ କଳାବତୀ ଶରଣ ଶିଶୁ ଚିକିତ୍ସାଳୟର ପ୍ରଫେସର ଡକ୍ଟର ଅନୁ ମାହେଶ୍ୱରୀ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଭିପି-ସେଚେଲ୍‌ସ ଭିପି

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ସେଚେଲ୍‌ସର ଉପରାଷ୍ଟ୍ରପତି ସେବାସ୍ତିଆନ୍ ପିଲେଙ୍କୁ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ଉଭୟ ନେତା ଭାରତ-ସିଚେଲ୍‌ସ ମଧ୍ୟରେ ଥିବା ବହୁମୁଖୀ ସଂପର୍କ ଆଧାରିତ କ୍ଷେତ୍ର ଗୁଡ଼ିକ କିଭଳି ଆହୁରି ସୁଦୃଢ଼ ହୋଇପାରିବ, ସେ ନେଇ ଆଲୋଚନା ହୋଇଛି । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ

ରହିଥିବା ଐତିହ୍ୟ, ସାଂସ୍କୃତିକ ଏବଂ ଲୋକସଂପର୍କ ଆହୁରି ଗଭୀର କରିବା ଉଦ୍ଦେଶ୍ୟରେ ମତ ବିନିମୟ ହୋଇଛି । ସେ ସିଚେଲ୍‌ସର ରାଷ୍ଟ୍ରପତିଙ୍କୁ ତାଙ୍କ ସଫଳ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## ଜିଏସ୍‌ଟି-ଏଗ୍ରିକଲଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତମାସ ୨୨ ତାରିଖରେ ଜିଏସ୍‌ଟି ସଞ୍ଚୟ ଉତ୍ସବ ଘୋଷଣା କରିବା ପରେ ଦେଶର ପ୍ରତ୍ୟେକଟି କ୍ଷେତ୍ରରେ କାରବାର ବୃଦ୍ଧି ପାଇବା ସହ ଲୋକମାନଙ୍କ କ୍ରୟ କ୍ଷମତା ମଧ୍ଯ ବୃଦ୍ଧି ପାଇଛି । ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଲାଗୁ ହେବା ଫଳରେ ଦେଶର ନାଗରିକମାନେ ଦୈନନ୍ଦିନର ଆବଶ୍ୟକତାଠାରୁ ଆରମ୍ଭ କରି ସମସ୍ତ ସାମଗ୍ରୀ ଓ ସେବା ଉପରେ ଲାଭ ପାଇବା ଆରମ୍ଭ କରିଛନ୍ତି ।

ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାରରେ ଜାମ୍ମୁ କାଶ୍ମୀରର ଅର୍ଥନୈତିକ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଅନେକଗୁଡ଼ିଏ ରିହାତି ପ୍ରଦାନ କରାଯାଇଛି ।ହସ୍ତକଳା, ପର୍ଯ୍ୟଟନ ଏବଂ ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକର ବିକ୍ରି ଲାଗି ମଞ୍ଚ ସୃଷ୍ଟି କରିବା ଏବଂ ରପ୍ତାନୀ ବୃଦ୍ଧି ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଜିଏସଟି ରିହାତି ଫଳରେ ସମ୍ଭବ ହୋଇପାରିଛି । ଜିଏସଟି  ଟିକସ ହ୍ରାସ ହେବା ଫଳରେ ସ୍ୱତନ୍ତ୍ର ଚଦର ଏବଂ ଗାଲିଚା ଉପରେ ୧୨ ପ୍ରତିଶତରୁ ଟିକସକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଫଳରେ ଏଥିରେ ନିୟୋଜିତ କାରିଗର, ଉତ୍ପାଦନକାରୀ ଏବଂ ବ୍ୟବସାୟୀ ସେମାନଙ୍କର ଆୟ ବୃଦ୍ଧି କରିବାରେ ସକ୍ଷମ ହୋଇଛନ୍ତି । ଅନ୍ୟପକ୍ଷରେ ପର୍ଯ୍ୟଟନ ତଥା ହୋଟେଲ୍‌ରେ ରହଣି କ୍ଷେତ୍ରରେ ମଧ୍ୟ ଜିଏସଟି ହାର ୭ ପ୍ରତିଶତ କମ୍ କରାଯାଇଛି, ଯାହା ସ୍ଥାନୀୟ ବ୍ୟବସାୟ ବୃଦ୍ଧି ଦିଗରେ ସହାୟକ ହୋଇଛି ।

# ସାଇକ୍ଲୋନ୍

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସାମୁଦ୍ରିକ ଝଡ଼ରେ ପରିଣତ ହୋଇଛି । ଏହି ଘୂର୍ଣ୍ଣିବାତ୍ୟା ଆସନ୍ତାକାଲି ଆନ୍ଧ୍ରପ୍ରଦେଶର କାକିନଡା ନିକଟ ମଛଲିପଟନମ୍ ଏବଂ କଳିଙ୍ଗପଟନମ୍ ମଧ୍ୟରେ ସ୍ଥଳଭାଗ ଛୁଇଁବା ନେଇ ଭାରତୀୟ ପାଣିପାଗ ବିଭାଗ - ଆଇଏମ୍‌ଡି ପୂର୍ବାନୁମାନ କରିଛି । ସାମୁଦ୍ରିକ ଝଡ଼ରେ ପ୍ରଭାବିତ ହେବାକୁ ଥିବା ଆନ୍ଧ୍ରପ୍ରଦେଶର ୫ଟି ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ବାତ୍ୟାଜନିତ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆଜିଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସ୍କୁଲ୍‌ଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି ଏବଂ ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଉଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ମାଛଧରି ଯିବା ପାଇଁ ବାରଣ କରାଯାଇଛି ।

ସେହିପରି ଏହି ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଓଡ଼ିଶାର ୮ଟି ଜିଲ୍ଲାକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି । ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାରେ ଆସନ୍ତାକାଲି ଏବଂ ବୁଧବାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି ।